# NATIONAL NEWS BULLETIN (ODIA)
## 10 April - 2026
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ସତ୍ତ୍ୱେ ଦେଶରେ ବିଦ୍ୟୁତ୍ ଓ ଶକ୍ତି ଚାହିଦାକୁ ସଫଳତାର ସହ ମେଣ୍ଟାଇ ପାରିଛନ୍ତି ସରକାର ।
- ଭାରତ-ମରିସସ୍ ଭାଗିଦାରୀକୁ ଏକ ନୂତନ ଶିଖରରେ ପହଞ୍ଚାଇବା ଲାଗି ପ୍ରତିବଦ୍ଧତା ଦୋହରାଇଲେ ଦୁଇପକ୍ଷ ।
- ଆହ୍ଲାବାଦ୍ ହାଇକୋର୍ଟ୍‌ର ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମା ଆଜି ନିଜ ଇସ୍ତଫାପତ୍ର ପ୍ରଦାନ କଲେ ରାଷ୍ଟ୍ରପତିଙ୍କୁ ।
- ଉତ୍ତରପ୍ରଦେଶର ଯମୁନା ନଦୀରେ ଏକ ବୋଟ୍ ବୁଡ଼ିଯିବା ଫଳରେ ୬ ଜଣଙ୍କର ମୃତ୍ୟୁ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ ରାଜସ୍ଥାନ ରୟାଲ୍ସ ଓ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁର ମଧ୍ୟରେ ହେବ ମୁକାବିଲା ।

# ଗଭ୍-ୱେଷ୍ଟଏସିଆ ବ୍ରିଫ୍

ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ସତ୍ତ୍ୱେ ଦେଶରେ ବିଦ୍ୟୁତ୍ ଓ ଶକ୍ତି ଚାହିଦାକୁ ସରକାର ସଫଳତାର ସହ ମେଣ୍ଟାଇ ପାରିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଆନ୍ତଃ ମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀରେ ଶକ୍ତି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ପୀୟୂଷ ସିଂହ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଦେଶର ସମସ୍ତ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରେ ଆବଶ୍ୟକ ପରିମାରଣର କୋଇଲା ମହଜୁଦ୍  ରହିଛି ଏବଂ ଏହି କେନ୍ଦ୍ରଗୁଡ଼ିକ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରୁଛନ୍ତି । ଆଗାମୀ ୩ ମାସ ମଧ୍ୟରେ ତାପଜ, ସୌର, ବାୟୁ ଏବଂ ହାଇଡ୍ରୋ ବାଷ୍ପ କ୍ଷେତ୍ରରେ ସରକାର ଅତିରିକ୍ତ ୨୨ ହଜାର ମେଗାୱାଟ୍‌ର ଶକ୍ତି ଉତ୍ପାଦନ ଲାଗି ଯୋଜନା କରୁଛନ୍ତି ବୋଲି ଶ୍ରୀ ସିଂହ କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ଦେଶରେ ଘରୋଇ ଏଲ୍.ପି.ଜି. ଏବଂ ଇନ୍ଧନ ଯୋଗାଣ ପ୍ରକ୍ରିୟା ସ୍ଥିର ଥିବା ସହ ପେଟ୍ରୋଲ୍ ଓ ଡିଜେଲ୍ ଆବଶ୍ୟକ ପରିମାଣର ଉପଲବ୍ଧ ରହିଛି । ଗତ ମାସ ୧୪ ତାରିଖରୁ ଆଜି ପର୍ଯ୍ୟନ୍ତ ଦେଶ ବ୍ୟାପି ୧ ଲକ୍ଷ ୬ ହଜାର ଟନ୍ ବାଣିଜ୍ୟିକ ଏଲ୍.ପି.ଜି. ଯୋଗାଇ ଦିଆଯାଇଛି । ଏତଦ୍‌ବ୍ୟତୀତ ୫ କିଲୋଗ୍ରାମ

ଓଜନ ବିଶିଷ୍ଟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଏଲ୍.ପି.ଜି. ସିଲିଣ୍ଡର ପ୍ରତ୍ୟେକ ଦିନ ବିକ୍ରି ହୋଇଛି । ଦେଶରେ ଘରୋଇ ପ୍ରାକୃତିକ ଗ୍ୟାସ୍ ବ୍ୟବହାର ଉପରେ ପ୍ରାଥମିକତା ଦିଆଯିବା ସହିତ ଏହି ସ୍ଥିତିକୁ ଦୃଷ୍ଟିରେ ରଖି ଏଲ.ପି.ଜି.ରୁ ପି.ଏନ୍.ଜି.କୁ ପରିବର୍ତ୍ତନ କରିବା ଲାଗି ସରକାର ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି । ଏ ଦିଗରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରି ଶ୍ରୀମତୀ ଶର୍ମା କହିଛନ୍ତି –

**VO-1SUJATA-SHARAMA**

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ଉପରେ ସରକାର ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ଦେଶରେ ଶକ୍ତି ସୁରକ୍ଷାକୁ ଅଧିକ ସଶକ୍ତ କରିବା ଲାଗି ବିଭିନ୍ନ ମନ୍ତ୍ରଣାଳୟ' ଉପସାଗରୀୟ ଦେଶଗୁଡ଼ିକ ସହିତ ନିରନ୍ତର ଯୋଗାଯୋଗ ଅଛନ୍ତି । ତେବେ ଲେବାନନ୍‌ରେ ଇସ୍ରାଏଲ୍ ପକ୍ଷରୁ କରାଯାଇଥିବା ଆକ୍ରମଣରେ ଅନେକ ସାଧାରଣ ନାଗରୀକ ଆହତ ହେବା ଘଟଣାରେ ଭାରତ ଉଦ୍‌ବେଗ ପ୍ରକାଶ କରିଛି । ସେଠାରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟଙ୍କର ସୁରକ୍ଷା ଲାଗି ସ୍ଥାନୀୟ ଭାରତୀୟ ଦୂତାବାସ ସେମାନଙ୍କ ସହିତ ଯୋଗାଯୋଗରେ ଅଛନ୍ତି । ବିଭିନ୍ନ ଦେଶର ଅଖଣ୍ଡତା, ସାର୍ବଭୌମତ୍ୱ ତଥା ଆଞ୍ଚଳିକ ସୁରକ୍ଷାକୁ ସମ୍ମାନ ଦେବା ସହିତ ଏ ସମ୍ପର୍କିତ ଆନ୍ତର୍ଜାତିକ ନିୟମକୁ ପାଳନ

କରିବା ଉପରେ ଭାରତ ସର୍ବଦା ଗୁରୁତ୍ୱ ଦେଇ ଆସିଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

ଉପାସଗରୀୟ ଅଞ୍ଚଳରେ ଥିବା ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି ବୋଲି ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ମୁକେଶ ମଙ୍ଗଲ ସୂଚନା ଦେଇଛନ୍ତି । ଏ ପର୍ଯ୍ୟନ୍ତ ୧ ହଜାର ୯୨୭ରୁ ଊର୍ଦ୍ଧ୍ୱ ଭାରତୀୟ ନାବିକଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ଫେରାଇ ଅଣାଯାଇଛି ବୋଲି ଶ୍ରୀ ମଙ୍ଗଲ କହିଛନ୍ତି ।

## ଜୟଶଙ୍କର-ମରିସସ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ମରିସସ୍ର ପୋର୍ଟ୍ ଲୁଇସ୍ଠାରେ ଚାଲିଥିବା ନବମ ଭାରତୀୟ ମହାସାଗର ସମ୍ମିଳନୀ ଅବସରରେ ବିଭିନ୍ନ ଦେଶର ନେତୃବୃନ୍ଦଙ୍କ ସହିତ ଦ୍ୱିପକ୍ଷିୟ ବୈଠକ କରିଛନ୍ତି । ଡକ୍ଟର ଜୟଶଙ୍କର ତାଙ୍କର ସିଚେଲ୍ସର ପ୍ରତିପକ୍ଷ ବ୍ୟାରୀ ଫୋରେଙ୍କ ସହିତ ଆଲୋଚନା ସମୟରେ ବର୍ତ୍ତମାନର ଅର୍ଥନୈତିକ ଆହ୍ୱାନର ମୁକାବିଲା ଦିଗରେ ଭାରତ ସିଚେଲ୍ସ ପ୍ରତି ସହାୟତା ଯୋଗାଇଦେବା ଦିଗରେ ପ୍ରତିବଦ୍ଧ ବୋଲି କହିଛନ୍ତି । ଏହାଛଡ଼ା ଭାରତ-ସିଚେଲ୍ସ ସ୍ୱତନ୍ତ୍ର ଅର୍ଥନୈତିକ ପ୍ୟାକେଜ୍ର କାର୍ଯ୍ୟକାରିତା ଦିଗରେ

ନିଆଯାଉଥିବା ପଦକ୍ଷେପକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ସ୍ୱାଗତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଡକ୍ଟର ଜୟଶଙ୍କର ତାଙ୍କ ଭୁଟାନ୍ ପ୍ରତିପକ୍ଷ ଡି.ଏନ୍. ଧୁଙ୍ଗେଲ୍‌ଙ୍କ ସହିତ ମତବିନିମୟ କରିଛନ୍ତି । ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଥିବା ଭାଗିଦାରୀକୁ ପ୍ରଗତି ଓ ସମୃଦ୍ଧି ଦିଗରେ ଆଗେଇ ନେବା ଲାଗି ଉଭୟ ପକ୍ଷ ସମ୍ମତି ପ୍ରଦାନ କରିଛନ୍ତି ।

ଏତଦ୍‌ବ୍ୟତୀତ ଡକ୍ଟର ଜୟଶଙ୍କର ମରିସସ୍‌ର ରାଷ୍ଟ୍ରପତି ଧରମବୀର ଗୋଖୁଲଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି ବୋଲି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇଛନ୍ତି । ରାଷ୍ଟ୍ରପତି ଗୋଖୁଲଙ୍କ ସହିତ ହୋଇଥିବା ତାଙ୍କର ମତବିନିମୟ ଦୁଇ ଦେଶ ମଧ୍ୟରେ ବନ୍ଧୁତ୍ୱ ଏବଂ ଭାଗିଦାରୀକୁ ଏକ ନୂତନ  ଶିଖରକୁ ନେବା ଦିଗରେ ଏକ ଦୃଢ଼ ପ୍ରତିବଦ୍ଧତା ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ ମରିସସ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ କୁମାର ଯୁଗ୍ନାଓଥ୍‌ଙ୍କ ସହିତ ମଧ୍ୟ ସାକ୍ଷାତ ଆଲୋଚନା କରିଛନ୍ତି । ଭାରତ-ମରିସସ୍ ଭାଗିଦାରୀ ପ୍ରତି ଶ୍ରୀ ଯୁଗ୍ନାଓଥ୍‌ଙ୍କ ପ୍ରତିବଦ୍ଧତାକୁ ଡକ୍ଟର ଜୟଶଙ୍କର ପ୍ରଶଂସା କରିଛନ୍ତି ।

## ଜଷ୍ଟିସ୍ ଯଶୋବନ୍ତ ବର୍ମା

ଆହ୍ଲାବାଦ୍ ହାଇକୋର୍ଟ୍‌ର ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମା ଆଜି ନିଜ ଇସ୍ତଫାପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଦାନ କରିଛନ୍ତି । ଜଷ୍ଟିସ୍

ବର୍ମା ଦିଲ୍ଲୀ ହାଇକୋର୍ଟର ବିଚାରପତି ଥିବା ସମୟରେ ତାଙ୍କ ସରକାରୀ ବାସଭବନରେ ଗତବର୍ଷ ମାର୍ଚ୍ଚ ୧୪ ତାରିଖରେ ଅଗ୍ନିକାଣ୍ଡ ଘଟିଥିଲା । ନିଆଁକୁ ଆୟତ୍ତ କରିବାକୁ ଯାଇଥିବା ଦମକଳ ବାହିନୀ କର୍ମଚାରୀମାନେ ତାଙ୍କ ବାସଭବନର ସମ୍ପୃକ୍ତ ସ୍ଥାନରୁ ବିପୁଳ ମାତ୍ରାରେ ଟଙ୍କା ଥିବା ଦେଖିବାକୁ ପାଇଥିଲେ । ଅଗ୍ନିକାଣ୍ଡରେ ଅନେକ ଟଙ୍କା ନଷ୍ଟ ହୋଇଯାଇଥିଲା । ଏହି ଘଟଣା ପରେ ତାଙ୍କୁ ଦିଲ୍ଲୀରୁ ଆହ୍ଲାବାଦ୍ ହାଇକୋର୍ଟ୍‌କୁ ବଦଳି କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଜଷ୍ଟିସ୍ ବର୍ମାଙ୍କ ବିରୁଦ୍ଧରେ ବର୍ତ୍ତମାନ ସଂସଦରେ ମହାଅଭିଯୋଗ ପ୍ରସ୍ତାବ ଆଗତ କରିବା ଲାଗି ପ୍ରକ୍ରିୟା ଜାରି ରହିଛି ।

## ଇଆଇସି-ଫାଇନାଲ୍ ପୁଲ ଡାଟା

ପୁଡୁଚେରୀ ବିଧାନସଭା ନିର୍ବାଚନ ଲାଗି ଗତକାଲି ଅନୁଷ୍ଠିତ ଭୋଟଦାନ ପ୍ରକ୍ରିୟାରେ ୮୯ ଦଶମିକ୍ ୮/୭ ପ୍ରତିଶତ ମତଦାତା ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରିଛନ୍ତି । ଏଥିସହିତ କେରଳମ୍‌ରେ ୮୯ ଦଶମିକ୍ ୮/୭ ଏବଂ ଆସାମରେ ୮୫ ଦଶମିକ୍ ୯/୧ ପ୍ରତିଶତ ମତଦାନ କରାଯାଇଥିବା ନିର୍ବାଚନ ଆୟୋଗ ଘୋଷଣା କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ଆସାମ ଓ ପୁଡୁଚେରୀରେ ଏହା ହେଉଛି ଏ ପର୍ଯ୍ୟନ୍ତ ସର୍ବୋଚ୍ଚ ମତାଧିକାର ସାବ୍ୟସ୍ତ ପ୍ରତିଶତ ।

## ଆସାମ-ରି-ପୋଲିଂ

ଆସାମର ଶ୍ରୀଭୂମି ଜିଲ୍ଲା ଅନ୍ତର୍ଗତ କାରିମଗଞ୍ଜ ଉତ୍ତର ବିଧାନସଭା ନିର୍ବାଚନ ମଣ୍ଡଳୀର ଗୋଟିଏ ମତଦାନ କେନ୍ଦ୍ରରେ ଆସନ୍ତାକାଲି ପୁନଃ ମତଦାନ କରାଯିବ ବୋଲି ନିର୍ବାଚନ ଆୟୋଗ ଘୋଷଣା କରିଛନ୍ତି । ଏଥିଲାଗି ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ । ଆସାମ ବିଧାନସଭାର ୧୨୬ଟି ଆସନ ଲାଗି ଗତକାଲି ଭୋଟ ଗ୍ରହଣ କରାଯାଇଛି ।

## ମଥୁରା-ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶର ମଥୁରା ଜିଲ୍ଲା ଅନ୍ତର୍ଗତ ଜମୁନା ନଦୀରେ ଏକ ବୋଟ୍ ବୁଡ଼ିଯିବା ଫଳରେ ୬ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି । ଆଜି ଅପରାହ୍ଣରେ ଲୁଧିଆନାରୁ କିଛି ଲୋକଙ୍କୁ ନେଇ ଯାଉଥିବା ବୋଟ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏ ପର୍ଯ୍ୟନ୍ତ ୬ ଜଣଙ୍କର ମୃତ ଦେହ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟମାନଙ୍କର ଉଦ୍ଧାର କାର୍ଯ୍ୟ ଜାରି ରହିଛି । ମଥୁରା ଜିଲ୍ଲାପାଳ ସି.ପି. ସିଂହ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଲୁଧିଆନାରୁ ଦୁଇଟି ବୋଟ୍‌ରେ ପ୍ରାୟ ୩୦ ଜଣ ଲୋକ ଯମୁନା ନଦୀ

ଦେଇ ଯିବା ସମୟରେ କେ.ସି. ଘାଟ ନିକଟରେ ଗୋଟିଏ ବୋଟ୍ ଦୁର୍ଘଟଣାଗ୍ରସ୍ତ ହୋଇଛି ।

ଏହି ଦୁର୍ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଏହି ଶ୍ରଦ୍ଧାଞ୍ଜଳୀ ଦେବା ସହିତ ଆହତଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି । ଏହାଛଡ଼ା ପ୍ରଭାବିତ ବ୍ୟକ୍ତିମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ଶ୍ରୀ ମୋଦୀ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।

## ହୋମିଓପାଥି ଡେ

ହୋମିଓପାଥି ଚିକିତ୍ସା କେବଳ ଏକ ବିକଳ୍ପ ପନ୍ଥା ନୁହେଁ ବରଂ ପ୍ରମାଣ ଭିତ୍ତିକ ବିଜ୍ଞାନ ବୋଲି ଆୟୁଷ ମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି । ଆଜି ବିଶ୍ୱ ହୋମିଓପାଥି ଦିବସ ଅବସରରେ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ହୋମିଓପାଥି ଭିତ୍ତିକ ଚିକିତ୍ସାକୁ ବର୍ତ୍ତମାନ ଜନସାଧାରଣ ଆପଣାଉଥିବା ଦୃଷ୍ଟିରୁ ଏହାର ଲୋକପ୍ରିୟତା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି ବୋଲି ଶ୍ରୀ ଯାଦବ କହିଛନ୍ତି ।

ଏଠାରେ ସୂଚନା ଦିଆଯାଇପାରେ ହୋମିଓପାଥି ଚିକିତ୍ସା ପଦ୍ଧତିର ପ୍ରତିଷ୍ଠାତା ଡକ୍ଟର ହାନିମାନ୍ନଙ୍କର ଜନ୍ମଦିନକୁ ବିଶ୍ୱ ହୋମିଓପାଥି ଦିବସ ରୂପେ ପାଳନ କରାଯାଇଥାଏ । ଚଳିତ ବର୍ଷର ବାର୍ତ୍ତା ରହିଛି 'ନିରନ୍ତର ସ୍ୱାସ୍ଥ୍ୟ ଲାଗି ହୋମିଓପାଥି' ।

## ଚମ୍ପାରନ୍ ସତ୍ୟାଗ୍ରହ

ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଭାରତର ସ୍ୱାଧୀନତା ସଂଗ୍ରାମର ଏକ ସ୍ମରଣୀୟ ମୁହୂର୍ତ୍ତ ଭାବେ ବିବେଚନା କରାଯାଉଥିବା ଚମ୍ପାରନ୍ ସତ୍ୟାଗ୍ରହର ୧୦୮ତମ ବାର୍ଷିକୀ ଦେଶ ବ୍ୟାପି ପାଳନ କରାଯାଉଛି । ଏହି ଅବସରରେ ସତ୍ୟାଗ୍ରହର ସକାରାତ୍ମକ ପ୍ରଭାବକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ଦେଶ ବ୍ୟାପି ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଛି । ୧୯୧୭ ମସିହାର ଆଜିର ଦିନରେ ବିହାରର ଚମ୍ପାରନ୍ ଜିଲ୍ଲାରେ ଚାଷୀମାନଙ୍କ ସହିତ ବ୍ରିଟିଶ ସରକାରଙ୍କ ମନାନ୍ତରରୁ ଏହି ସତ୍ୟାଗ୍ରହର ସୂତ୍ରପାତ ହୋଇଥିଲା । ଏହି ସତ୍ୟାଗ୍ରହ ପରବର୍ତ୍ତୀ ଅବସ୍ଥାରେ କେବଳ କୃଷକମାନଙ୍କୁ ନ୍ୟାୟ ପ୍ରଦାନ କରିନଥିଲା ବରଂ ମହାତ୍ମା ଗାନ୍ଧିଙ୍କୁ ଏକ ଗଣନେତା ଭାବେ ଆଗକୁ ବଢ଼ିବାର ପଥ ଉନ୍ମୁକ୍ତ କରିଥିଲା ।

# ମ୍ୟାଁମାର୍-ନ୍ୟୁ ପ୍ରେସିଡେଣ୍ଟ

ମିନ୍ ଅଙ୍ଗ୍ ଲାଇନ୍ ମ୍ୟାଁମାର୍‌ର ନୂତନ ରାଷ୍ଟ୍ରପତି ଭାବେ ଆଜି ଶପଥଗ୍ରହଣ କରିଛନ୍ତି । ୨୦୨୧ ମସିହାରେ ଅଙ୍ଗ ସାନ୍ ସୁ କି'ଙ୍କ ସରକାର ଠାରୁ କ୍ଷମତା ନେବା ପରେ ଏ ପର୍ଯ୍ୟନ୍ତ ସେ ଦେଶକୁ ନେତୃତ୍ୱ ଦେଇ ଆସୁଥିଲେ । ଆଜି ଶ୍ରୀ ଲାଇନ୍‌ଙ୍କ ସହିତ ୩୦ ଜଣ ନୂତନ କ୍ୟାବିନେଟ୍ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ରାଜସ୍ଥାନ ରୟାଲ୍ସ ଏବଂ ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ବେଙ୍ଗାଲୁରୁର ଏ.ସି.ଏ. ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ରେ ଖେଳାଯିବ । ମିଳିଥିବା ସୂଚନା ଅନୁଯାୟୀ ବର୍ଷା ଯୋଗୁଁ ଟସ୍ ପଡ଼ିବାରେ ବିଳମ୍ବ ହୋଇଛି ।